# NATIONAL NEWS BULLETIN (ODIA)

**1 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଚଳିତ ବର୍ଷ ବଜେଟ୍‌ରେ କୃଷି କ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ସମୃଦ୍ଧ କରିବାର ଲକ୍ଷ୍ୟ ରଖାଯାଇଛି; କହିଲେ ପ୍ରଧାନମନ୍ତ୍ରୀ

- ମଣିପୁରର ସୁରକ୍ଷା ସ୍ଥିତି ନେଇ ନୂଆଦିଲ୍ଲୀଠାରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଛି ବୈଠକ

- ଜନଔଷଧି ଜନଚେତନା ସପ୍ତାହ ଆଜିଠୁ ଆରମ୍ଭ

- ପାସପୋର୍ଟ ନିୟମରେ ସଂଶୋଧନ କଲେ କେନ୍ଦ୍ର ସରକାର

ଏବଂ

- ଆଇସିସି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତାରେ ଆଉ ଅଳ୍ପ ସମୟ ମଧ୍ୟରେ କରାଚିଠାରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବ ମୁକାବିଲା

# ପିଏମ୍- କୃଷି ଗ୍ରାମୀଣ ୱେବିନାର

ଚଳିତ ବର୍ଷର ବଜେଟ୍‌ରେ କୃଷିକ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ସମୃଦ୍ଧ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। କୃଷି ଓ ଗ୍ରାମୀଣ ସମୃଦ୍ଧି ଉପରେ ବଜେଟ୍ ପରବର୍ତ୍ତୀ ୱେବିନାର୍‌କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଭାରତ ସ୍ୱପ୍ନ ହାସଲ ଦିଗରେ ଦେଶବାସୀଙ୍କ ସଂକଳ୍ପ ସ୍ପଷ୍ଟ ରହିଛି। ମିଳିତ ଭାବେ ଏହି ସ୍ୱପ୍ନକୁ ସାକାର କରିବାରେ ସମସ୍ତେ ପଦକ୍ଷେପ ଗ୍ରହଣ କରୁଛନ୍ତି। କୃଷିକୁ ବିକାଶର ପ୍ରଥମ ଇଞ୍ଜିନ୍ ଭାବେ ଗ୍ରହଣ କରି ସରକାର କୃଷକଙ୍କ ସମୃଦ୍ଧି ଦିଗରେ ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। କେନ୍ଦ୍ର ବଜେଟ୍‌ରେ 'ପିଏମ୍ ଧନ୍ୟ କୃଷି' ଯୋଜନା ଘୋଷଣା କରାଯାଇଛି। ଏଥିରେ ଦେଶରେ ସର୍ବନିମ୍ନ କୃଷି ଉତ୍ପାଦକତା ଥିବା ୧୦୦ଟି ଜିଲ୍ଲାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି। କୃଷି ଓ ଗ୍ରାମୀଣ କ୍ଷେତ୍ର ଲାଗି ବଜେଟ୍ ପ୍ରସ୍ତାବଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ଲାଗି ରଣନୀତି ପ୍ରସ୍ତୁତ କରିବା ନେଇ ଏହି ୱେବିନାର୍‌ରେ ମତ ବିନିମୟ ହୋଇଛି। କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଏହି ୱେବିନାର୍‌ରେ ଯୋଗ ଦେଇଥିଲେ।

# ପିଏମ୍-ଏନ୍‌ଏକ୍ସଟି କନ୍‌କ୍ଲେଭ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏକବିଂଶ ଶତାବ୍ଦୀର ଭାରତ ଉପରେ ସମଗ୍ର ବିଶ୍ୱ ନଜର ରଖିଛି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜି NXT ସମ୍ମିଳନୀ-୨୦୨୫କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା

ପାଇଁ ସମଗ୍ର ବିଶ୍ୱରୁ ଲୋକ ଏଠାକୁ ଆସୁଛନ୍ତି। ଭାରତରେ ପ୍ରତ୍ୟେକ ଦିନ ସକାରାତ୍ମକ  ପଦକ୍ଷେପ ସମ୍ପର୍କିତ ଖବର ସେମାନଙ୍କ ପାଖରେ ପହଁଞ୍ଚୁଛି। ପ୍ରୟାଗରାଜରେ ସମାପ୍ତ ହୋଇଥିବା ଏକତାର ସଂଗମସ୍ଥଳ ମହାକୁମ୍ଭ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛି। କୋଟି କୋଟି ଶ୍ରଦ୍ଧାଳୁ ଏହି ମେଳା ଅବସରରେ ପବିତ୍ର ସ୍ନାନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ, 'ଭୋକାଲ ଫର୍ ଲୋକାଲ' ଏବଂ 'ଲୋକାଲ ଫର୍ ଗ୍ଲୋବାଲ୍'ର ସ୍ୱପ୍ନ ଏବେ ବାସ୍ତବତାରେ ପରିଣତ ହେବାକୁ ଯାଉଛି। ଆୟୁଷ ଉତ୍ପାଦ ଏବଂ ଯୋଗ ସ୍ଥାନୀୟରୁ ବିଶ୍ୱସ୍ତରୀୟ ହୋଇପାରିଛି। କୃଷକ ସେମାନଙ୍କ ଫସଲକୁ ବିଶ୍ୱବଜାରରେ ପହଁଞ୍ଚାଇବାରେ ସଫଳ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ଏବେ ଅସୀମ ଉଦ୍ଭାବନର ଦେଶ ପାଲଟିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଯୁବଗୋଷ୍ଠୀ ଆମର ସର୍ବୋଚ୍ଚ ପ୍ରାଥମିକତା ଏବଂ ଏହି ନୀତି ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ବାହାର ଦୁନିଆ ସମ୍ପର୍କରେ ମଧ୍ୟ ଚିନ୍ତା କରିବାର ସୁଯୋଗ ପ୍ରଦାନ କରିଛି।

**V/O**

# ଏଚ୍‌ଏମ୍- ମଣିପୁର ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନୂଆଦିଲ୍ଲୀଠାରେ ମଣିପୁରର ସୁରକ୍ଷା ସ୍ଥିତିର ସମୀକ୍ଷା କରୁଛନ୍ତି। ମନ୍ତ୍ରୀ ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ବୈଠକରେ ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା, ଗୃହ ସଚିବ ଗୋବିନ୍ଦ ମୋହନ, ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ତପନ କୁମାର ଡେକାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତମାସରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ପରେ ଏହା ହେଉଛି ପ୍ରଥମ ବୈଠକ।

## ଜେପି- ଜନଔଷଧି ସପ୍ତାହ

ଜନଔଷଧି ଜନଚେତନା ସପ୍ତାହ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଅନୁଷ୍ଠିତ ହେଉଛି। ଜନଔଷଧି ଦିବସ ଆସନ୍ତା ୭ ତାରିଖରେ ପାଳନ କରାଯିବ। ଏହି ଉପଲକ୍ଷେ ନୂଆଦିଲ୍ଲୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଭାରତୀୟ ଜନଔଷଧି ପ୍ରକଳ୍ପ ରଥ ସମେତ ଅନ୍ୟ ୧୦ଟି ସଚେତନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଭାରତୀୟ ଜନଔଷଧି ପରିଯୋଜନାକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ଶ୍ରୀ ନଡ୍ଡା ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଔଷଧ ଯୋଗାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

**–V/O–**

ଏହି ଅବସରରେ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି, ଏବେ ଦେଶର ବିଭିନ୍ନ ସ୍ଥାନରେ ୧୫ ହଜାରରୁ ଅଧିକ ଜନଔଷଧି କେନ୍ଦ୍ର କାର୍ଯ୍ୟ କରୁଛି। ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

## ଏନ୍‌ପିଜି- ଗତିଶକ୍ତି

ନେଟୱର୍କ ପ୍ଲାନିଂ ଗ୍ରୁପ୍– ଏନ୍.ପି.ଜି.ର ୮୮ତମ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ

ବିଭାଗର ଯୁଗ୍ମ ସଚିବ ଇଞ୍ଜିନିୟର ଶ୍ରୀନିବାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ  ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅନୁଯାୟୀ ବହୁମୁଖୀ ଭିତ୍ତିଭୂମି, ଅର୍ଥନୈତିକ ଓ ସାମାଜିକ ସ୍ତରରେ ଉନ୍ନତି ନେଇ ଆଲୋଚନା ହୋଇଛି। ପିଏମ୍ ଗତିଶକ୍ତି ଯୋଜନା ଅଧୀନରେ ଆନ୍ତଃବହୁମୁଖୀ ଭିତ୍ତିଭୂମି ବିକାଶ, ଆର୍ଥିକ ଏବଂ ସାମାଜିକ କ୍ଷେତ୍ରରେ ଉନ୍ନତି ଏବଂ ଆନ୍ତଃ ବିଭାଗୀୟ ସମନ୍ୱୟ ମାଧ୍ୟମରେ ସଡ଼କ, ରେଳବାଇ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ମେଟ୍ରୋ କ୍ଷେତ୍ରରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ ପାଇଁ ଏନ୍.ପି.ଜି. ପକ୍ଷରୁ ପଦକ୍ଷେପ ନିଆଯାଇଛି। ସାମାଜିକ ଏବଂ ଆର୍ଥିକ କ୍ଷେତ୍ରକୁ ଗତିଶୀଳ କରିବା ସହିତ ଯାତ୍ରା ସମୟକୁ ହ୍ରାସ କରିବା ଏବଂ ବିଭିନ୍ନ କ୍ଷେତ୍ରକୁ ଏହା ଅଧିକ ତ୍ୱରାନ୍ୱିତ କରିବାର ଆଶା କରାଯାଉଛି।

## ପାସପୋର୍ଟ

କେନ୍ଦ୍ର ସରକାର ପାସପୋର୍ଟ ନିୟମରେ ସଂଶୋଧନ କରିଛନ୍ତି। ୨୦୨୩ ମସିହା ଅକ୍ଟୋବର ପହିଲା କିମ୍ବା ଏହା ପରେ ଜନ୍ମଗ୍ରହଣ କରିଥିବା ପିଲାଙ୍କ ପାଇଁ ଆଇନ ଅନୁମୋଦିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜନ୍ମ ପ୍ରମାଣପତ୍ରକୁ  ଏକମାତ୍ର ପ୍ରମାଣ ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି।  ୧୯୮୦ ପାସପୋର୍ଟ ନିୟମରେ ଏ ସଂକ୍ରାନ୍ତ ସଂଶୋଧନ ଆଧାରିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ତାରିଖ ପୂର୍ବରୁ ଜନ୍ମଗ୍ରହଣ କରିଥିବା ଆବେଦନକାରୀ ଜନ୍ମତାରିଖ ପ୍ରମାଣପତ୍ର ଭାବରେ ଡ୍ରାଇଭିଂ ଲାଇସେନ୍ସ, ପାନକାର୍ଡ, ନିର୍ବାଚନ ଫଟୋ ପରିଚୟପତ୍ର କିମ୍ବା ସ୍କୁଲ ଛାଡ଼ିବା ପ୍ରମାଣପତ୍ର ଭଳି ବିକଳ୍ପ କାଗଜପତ୍ର ଦାଖଲ କରିପାରିବେ।

# ଅଶ୍ୱିନ ବୈଷ୍ଣବ

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅହମ୍ମଦାବାଦ ରେଳଷ୍ଟେସନ୍ ପରିଦର୍ଶନ କରି ଚାଲିଥିବା ପୁନଃନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଜନସାଧାରଣଙ୍କ ଅନୁରୋଧ ଆଧାରରେ ଐତିହ୍ୟକୁ ଅନ୍ତର୍ଭୁକ୍ତ କରି ରେଳଷ୍ଟେସନ୍ ଗୁଡ଼ିକର ଡିଜାଇନରେ ସଂଶୋଧନ କରାଯାଇଛି । ଗୁଜୁରାଟର ସାଂସ୍କୃତିକ ପ୍ରତୀକ 'ତୋରଣ' ଷ୍ଟେସନ୍‌ର ପ୍ରମୁଖ ପ୍ରବେଶ ଦ୍ୱାରରେ ସ୍ଥାନିତ କରାଯିବ । ଏହା ସହରର ସମୃଦ୍ଧ ପରମ୍ପରାକୁ ପ୍ରତିଫଳିତ କରିବ । ଶ୍ରୀ ବୈଷ୍ଣବ କହିଛନ୍ତି, ଅହମ୍ମଦାବାଦ ରେଳଷ୍ଟେସନ୍‌ର ପୁନଃବିକାଶ ପାଇଁ ଅତ୍ୟାଧୁନିକ ଢାଞ୍ଚାଗତ ନିର୍ମାଣ ଜ୍ଞାନକୌଶଳ ବ୍ୟବହାର କରାଯାଉଛି । ଏହି କାର୍ଯ୍ୟ ଆସନ୍ତା ସାଢ଼େ ୩ ବର୍ଷ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସୂଚନା ଦେଇ କହିଥିଲେ, ଗୁଜୁରାଟରେ ବର୍ତ୍ତମାନ ସୁଦ୍ଧା ୯୭ ପ୍ରତିଶତ ରେଳଲାଇନ୍‌ର ବିଦ୍ୟୁତିକରଣ ହୋଇପାରିଛି ଏବଂ ଗୁଜୁରାଟରେ ଖୁବ୍‌ଶୀଘ୍ର ଶତପ୍ରତିଶତ ବିଦ୍ୟୁତିକରଣ ରେଳଲାଇନ୍ ରହିବ । ଗୁଜୁରାଟର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି, ରେଳବିକାଶ ପାଇଁ ଗୁଜୁରାଟକୁ ରେକର୍ଡ ପରିମାଣରେ ୧୭ ହଜାର ୧୫୫ କୋଟି ଟଙ୍କା ବଜେଟ୍‌ରେ ଆବଣ୍ଟନ କରାଯାଇଛି । ଦାହୋଦସ୍ଥିତ ରେଳଇଞ୍ଜିନ୍ ଉତ୍ପାଦନ କାରଖାନା ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଦାହୋଦ୍‌ରେ ପ୍ରାକ୍ ନିର୍ମାଣ, ଆନନ୍ଦ ହାଇସ୍ପିଡ୍ ରେଳଷ୍ଟେସନ ଏବଂ

ଲୋକୋମୋଟିଭ୍ ରୋଲିଂ ଷ୍ଟକ୍ କର୍ମଶାଳା କାର୍ଯ୍ୟର ମନ୍ତ୍ରୀ ତଦାରଖ କରିବାର କାର୍ଯ୍ୟସୂଚୀ ରହିଛି।

## ସୁଗମ୍ୟ ଯାତ୍ରା

ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ସଚିବ ରାଜେଶ ଅଗ୍ରୱାଲ ଆଜି ନୂଆଦିଲ୍ଲୀର ଅନ୍ତର୍ଜାତୀୟ ହ୍ୱିଲ୍‌ଚେୟାର ଦିବସ ଅବସରରେ ସୁଗମ୍ୟ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସମାଜରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ବିକାଶ, ଉନ୍ନତି ଓ ନିରବଚ୍ଛିନ୍ନ ଉପଲବ୍ଧତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି ଦେଶବ୍ୟାପୀ ଯାତ୍ରାର ଉଦ୍ଦେଶ୍ୟ। ଏହି ଯାତ୍ରାରେ ଦିବ୍ୟାଙ୍ଗଜନମାନେ କନ୍ନଟ ପ୍ଲେସ୍‌ରେ ସାର୍ବଜନୀନ ସ୍ଥାନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରି ଉପଲବ୍ଧତାକୁ ପ୍ରୋତ୍ସାହିତ କରିବେ।

ଆକାଶବାଣୀ ସମ୍ବାଦ ବିଭାଗ ସହ ବିଶେଷ ଆଲୋଚନା ମାଧ୍ୟମରେ ଶ୍ରୀ ଅଗ୍ରୱାଲ କହିଛନ୍ତି, ସୁଗମ୍ୟ ଭାରତ ଅଭିଯାନ ଦ୍ୱାରା ଅନେକ ସରକାର କୋଠା, ବିମାନ ବନ୍ଦର ଏବଂ ରେଳଷ୍ଟେସନ୍ ଦିବ୍ୟାଙ୍ଗ ଅନୁକୂଳ ହୋଇପାରିଛି। ଦିବ୍ୟାଙ୍ଗଜନମାନଙ୍କୁ ଅନ୍ତର୍ଭୁକ୍ତ କରି ଏକ ସମାବେଶୀ ସମାଜ ସୁନିଶ୍ଚିତ କରିବା ଏବଂ ସାର୍ବଜନୀନ ଉପଲବ୍ଧତା ହାସଲ କରିବା ସରକାରଙ୍କ ଲକ୍ଷ୍ୟ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ସୁଗମ୍ୟ ଯାତ୍ରା ସୁଗମ ଭାରତ ଅଭିଯାନ ଅଧୀନରେ ଏକ ଦେଶବ୍ୟାପୀ ପଦକ୍ଷେପ। ଏହାର ଉଦ୍ଦେଶ୍ୟ ହେଉଛି ସର୍ବସାଧାରଣ ସ୍ଥାନରେ ଉପଲବ୍ଧତା ବିଷୟରେ ଆକଳନ ଓ ସଚେତନତା ବୃଦ୍ଧି କରି ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଉପଲବ୍ଧତା ଏବଂ ଅର୍ନ୍ତଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା।

# ଉତ୍ତରାଖଣ୍ଡ–ରେସ୍କ୍ୟୁ

ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ମାନା ଗାଁରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୪୭ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୮ ଜଣଙ୍କୁ ଖୋଜିବା ପାଇଁ ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି' ଯୋଶୀମଠ ଅଭିମୁଖେ ଗସ୍ତ କରିଛନ୍ତି। ସେଠାରେ ସେ ଉଦ୍ଧାର କାର୍ଯ୍ୟର ତଦାରଖ କରିବେ ଏବଂ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବେ। ଫଶି ରହିଥିବା ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଚାଲିଥିବା ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ଧାମିଙ୍କ ଟେଲିଫୋନ୍ ମାଧ୍ୟମରେ ସ୍ଥିତି ନେଇ ପଚାରି ବୁଝିଛନ୍ତି। ଏଥିସହ ବର୍ଷା ଓ ତୁଷାରପାତ ସମେତ ରାଜ୍ୟର ପାଣିପାଗ ସମ୍ପର୍କରେ ପ୍ରଧାନମନ୍ତ୍ରୀ ପଚାରି ବୁଝିଛନ୍ତି। କୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ସରକାର ସମସ୍ତ ସମ୍ଭବ ସହାୟତା ଯୋଗାଇଦେବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଛନ୍ତି। ସୂଚନାଯୋଗ୍ୟ, ପ୍ରବଳ ହିମ୍ବସ୍ଖଳନ ଯୋଗୁଁ ଗତକାଲି ସକାଳେ ୫୫ ଜଣ ଶ୍ରମିକ ବରଫତଳେ ଫଶି ରହିଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଆଇ.ସି.ସି. ଚାମ୍ପିୟନ୍ସ୍ ଟ୍ରଫି

ଆଇସିସି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତାରେ ଆଜି ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ କରାଚିଠାରେ ଆଉ ଅଳ୍ପ ସମୟପରେ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ ଅମୀମାଂସିତ ରହିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବ । ତେବେ ଯଦି ଇଂଲଣ୍ଡ' ଦକ୍ଷିଣ ଆଫ୍ରିକାକୁ ଅତି କମ୍‌ରେ ୨୦୭ ରନ୍ ବ୍ୟବଧାନରେ ପରାସ୍ତ କରେ,

ତେବେ ଆଫଗାନିସ୍ତାନ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବାର ସମ୍ଭାବନା ରହିଛି ।

ସୂଚନାଯୋଗ୍ୟ, ଗତକାଲି ଅଷ୍ଟ୍ରେଲିଆ ଏବଂ ଆଫଗାନିସ୍ତାନ ମଧ୍ୟରେ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ଭବ ହୋଇପାରିନଥିଲା। ପାକିସ୍ତାନର ଲାହୋର୍‌ଠାରେ ଅନୁଷ୍ଠିତ ଗ୍ରୁପ୍-ବି' ପର୍ଯ୍ୟାୟର ଏହି ମ୍ୟାଚ୍ ବର୍ଷା ଯୋଗୁଁ ଅଧାରୁ ବନ୍ଦ ହୋଇଯାଇଥିଲା । ଅଷ୍ଟ୍ରେଲିଆ ୩ଟି ମ୍ୟାଚ୍‌ରୁ ୪ ପଏଣ୍ଟ୍ ହାସଲ କରି ସେମିଫାଇନାଲ୍‌ରେ ପହଞ୍ଚିସାରିଛି ।